# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**6 January - 2026**

# ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀରେ ଆଜି ଶାସ୍ତ୍ରୀୟ ଭାଷା ଓଡ଼ିଆ ସମେତ କନ୍ନଡ, ତେଲୁଗୁ ଏବଂ ମାଲାୟଲମ ଉତ୍କର୍ଷ କେନ୍ଦ୍ର ଦ୍ୱାରା ବିକଶିତ ୪୧ଟି ସାହିତ୍ୟ କୃତୀକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରିବେ । କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ଅଧୀନରେ ଏହି କୃତୀକୁ ବିକଶିତ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶାସ୍ତ୍ରୀୟ ଭାଷା ଅଧ୍ୟୟନକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଦେଶର ସମୃଦ୍ଧ ସାହିତ୍ୟିକ ଐତିହ୍ୟକୁ ସଂରକ୍ଷଣ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

# ପଠନ ପ୍ରୋତ୍ସାହନ ସପ୍ତାହ

ରାଜ୍ୟର ସବୁ ପିଏମ୍‌ଶ୍ରୀ ବିଦ୍ୟାଳୟରେ 'ପଢ଼ିବା ଗଢ଼ିବା ଓଡ଼ିଶା' ପଠନ ପ୍ରୋତ୍ସାହନ ସପ୍ତାହ ଆଜିଠାରୁ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏହାପରେ ଜିଲ୍ଲାସ୍ତରୀୟ ପଠନ ନବସୃଜନ ପ୍ରଦର୍ଶନ ଏବଂ ରାଜ୍ୟସ୍ତରୀୟ ପଠନ ଉତ୍କର୍ଷ ମେଳା ଆୟୋଜନ କରାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ୭୬୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ପାଣ୍ଠି ଆବଣ୍ଟନ କରାଯାଇଛି ।

# ଓମ୍‌ସା ଡାକ୍ତର ଆନ୍ଦୋଳନ

ରାଜ୍ୟରେ ଆନ୍ଦୋଳନରତ ଓମ୍‌ସା ଡାକ୍ତରଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଓମ୍‌ସା ଦାବିକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି । ଏନେଇ କମିଟି ଗଠନ ହେବା ସହ ପ୍ରଥମ ବୈଠକ ଶେଷ ହୋଇଛି । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି ।

**V/O...**

# ଚିଲିକା ବିହଙ୍ଗ ମହୋତ୍ସବ

ରାଜ୍ୟ ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜିଠାରୁ ଷଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ଆରମ୍ଭ ହେଉଛି । ମହୋତ୍ସବରେ ଚିଲିକା ଏବଂ ମଙ୍ଗଳାଯୋଡ଼ିରେ ପକ୍ଷୀ ନୀରିକ୍ଷଣ, ନୌକାଦୌଡ଼, କର୍ମଶାଳା ଏବଂ ବିଶେଷ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ । ଏହି ତିନିଦିବସୀୟ ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ ସହ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଓଡ଼ିଶା ପରବ ସମାରୋହ

ଆସାମର ଗୁଆହାଟୀଠାରେ ଆସନ୍ତା ୩୦ରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଦ୍ୱିତୀୟ ଓଡ଼ିଶା ପରବ ସମାରୋହ ଅନୁଷ୍ଠିତ ହେବ । ଏହାର ଆୟୋଜନ ପରିପ୍ରେକ୍ଷୀରେ ଏକ ସମନ୍ୱୟ ବୈଠକ ଗତକାଲି ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ୬ଟି ବିଭାଗ ପକ୍ଷରୁ ୨୦ଟି ପ୍ରଦର୍ଶନୀ ମଣ୍ଡପ ଏବଂ ୧୦ଟି ଖାଦ୍ୟସାମଗ୍ରୀ ଆଧାରିତ ମଣ୍ଡପ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି । ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦିପଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

# ସମୀକ୍ଷା ବୈଠକ

ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କଲ୍ୟାଣମୂଳକ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ସଦସ୍ୟ ଡକ୍ଟର ଆଶା ଲାକ୍ରା ବୈଠକରେ ଯୋଗଦେଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସ୍ଥିତି ନେଇ ସମୀକ୍ଷା କରିଛନ୍ତି ।

## ସୁବର୍ଣ୍ଣଜୟନ୍ତୀ ସମାରୋହ

ଭଦ୍ରକ ଜିଲ୍ଲା ନଳାଙ୍ଗସ୍ଥିତ ଚିଙ୍ଗୁଡିପୁର ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଯୋଗଦେଇ ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ନବରଙ୍ଗପୁର ଆର୍.ସି.ଡି ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୬ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଗତକାଲି ଜିଲ୍ଲାର ୪ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମେଳା ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।

## ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଏବଂ ବକ୍ସି ଜଗବନ୍ଧୁ ଶ୍ରାଦ୍ଧଦିବସ ପାଳନ ସଂକ୍ରାନ୍ତ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ହେବାକୁ ଥିବା କାର୍ଯ୍ୟନିର୍ଘଣ୍ଟ ସ୍ଥିର ହୋଇଛି । ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ

ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ପାଣି ପଞ୍ଚାୟତ ପକ୍ଷ

ରାଜ୍ୟବ୍ୟାପୀ ଆଜିଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ସଶକ୍ତ ପାଣି ପଞ୍ଚାୟତ ଗଠନ, ପାଣି ପଞ୍ଚାୟତ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣ ତଥା ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହନ କରିବା ଦିଗରେ ପଦକ୍ଷେପ ନିଆଯିବ ।

## ଦିବ୍ୟସିଂହ ଦେବ-ପୁଷ୍ପାଭିଷେକ ନୀତି

ପୁରୀ ଶ୍ରୀନଅରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ପାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି । ଗଜପତିଙ୍କୁ ଅଭିମନ୍ତ୍ରିତ କରାଯିବା ସହ ରାଜ୍ୟର ମଙ୍ଗଳ କାମନା ନେଇ ପୂଜାର୍ଚ୍ଚନା ହୋଇଛି । ଷୋଳ ଶାସନର ବ୍ରାହ୍ମଣ ପୁରୋହିତ ଏକତ୍ରିତ ହୋଇ ଗଜପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ରଣପୁର ମହୋତ୍ସବ

ରଣପୁର କଳାସଂସ୍କୃତି ଐତିହ୍ୟ ପରମ୍ପରା ଏବଂ ସହିଦଙ୍କ ସ୍ମୃତିଚାରଣ ଲକ୍ଷ୍ୟ ନେଇ ରଣପୁର ମହୋତ୍ସବ ଅନୁଷ୍ଠିତ ହେଉଛି । ରଣପୁର ସହରର ବାଘସାମନ୍ତ ପଡ଼ିଆଠାରେ ଗତକାଲିଠାରୁ ଉଦ୍‌ଘାଟିତ ହୋଇଥିବା ଏହି ମହୋତ୍ସବ ୫ ଦିନ ଧରି ଚାଲିବ । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସାଂସଦ ଡକ୍ଟର ସମ୍ବିତ ପାତ୍ର, ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଘୁମ୍‌ରା-୨୦୨୬

କଳାହାଣ୍ଡି ଲୋକ ମହୋତ୍ସବ ଘୁମ୍‌ରା ୨୦୨୬ ଆସନ୍ତା ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏହି ୫ ଦିନିଆ ମହୋତ୍ସବର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଗଠିତ ବିଭିନ୍ନ ସବ୍‌କମିଟି ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ବୈଠକରେ ଆଲୋଚନା ହୋଇଛି ।

## ବିଚ୍ ଗେମ୍ସ

ଡିଉର ଘୋଘଲାବିଚ୍‌ଠାରେ ଖେଲୋଇଣ୍ଡିଆ ବିଚ୍ ଗେମ୍ସର ପ୍ରଥମ ଦିନରେ ଗତକାଲି ଓଡ଼ିଶା ମହିଳା ସକ୍କର ଦଳ ବିଜୟଲାଭ କରିଛି । ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ୧୧-୩ ଗୋଲ୍‌ରେ ପରାସ୍ତ କରିଛି । ବିଚ୍ ଗେମ୍ସରେ ଦେଶର ୧୧ଶହରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଭାଗ ନେଉଛନ୍ତି ।